# Akashvani, Sambalpur

# SAMBALPURI NEWS BULLETIN

## 18 February 2025- 6.47- 6.52 am.

*********************************************

ରାଜ୍ୟ ବଜେଟ୍- ମୁଖ୍ୟମନ୍ତ୍ରୀ        ଆର୍ଏନ୍ୟୁ/ ସମ୍ବଲ୍ପୁର୍

୨୦୨୫-୨୬ ବଜେଟ୍‌ଥି ରାଜ୍ୟ ସର୍କାର୍ ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍ ଲାଗି ୫ ଶହ କୋଟି ଟଙ୍କା  ଆର୍ କେବିକେ ଇଲାକା ନ ଭିତିଭୂମିର୍ ବିକାଶ୍ ଲାଗି ୨ ଶହ ୫୦  କୋଟି ଟଙ୍କାର୍ ବ୍ୟୟବରାଦ୍ କରିଛନ୍ । ୧୭ ନମ୍ବର୍ ବିଧାନ୍‌ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରିକରି ଆଂଚଲିକ୍ ଭେଦ୍‌ଭାବ୍ ଦୂର୍ କର୍‌ବାର୍ ସହେତେ ନିବେଶକେ ତହିଁକାବାର୍ ଲାଗି ଶାସନ୍ ବ୍ୟବସ୍ଥା ଆର୍ ଲୁକ୍‌କର୍ ଜୀବନ୍ ଶୈଲୀଥି ଉନ୍ନତି ଆନ୍‌ବାର୍ ଲାଗି ଇ ଟଙ୍କା ଖର୍ଚ୍ଚା କରାଯିବା ବଲି କହିଛନ୍ ।

ସେନ୍ତା ରାଜ୍ୟର୍ ଭିତ୍‌ରିଆ ସୁରକ୍ଷା ଲାଗି ଇଥର ବଜେଟ୍‌ଥି ୧୦ ହଜାର୍ ୭ ଶହ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ଇଥି ନ୍ୟାୟିକ ଭିତିଭୂମିର୍ ବିକାଶ୍, ପୁଲିସ୍ ବ୍ୟବସ୍ଥାର୍ ଉନ୍ନତି, ମହିଳାଙ୍କର୍ ସୁରକ୍ଷା ବାଗିର୍ ଦିଗ୍ ଉପ୍‌ରେ ଧ୍ୟାନ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଇ ବଜେଟ୍‌ଥି ବିଧାୟକ୍‌ମାନ୍‌କର୍ ବାର୍ଷିକ ହାତପାଣ୍ଠିକେ ୩ କୋଟିନୁ ୫ କୋଟିକେ ବଢ଼େଇଛନ୍ । ଇ ବାବଦ୍ ବଛର୍‌କ ୭ ଶହ ୩୫ କୋଟି ଟଙ୍କା ଖର୍ଚ୍ଚା ହେବା । ସେନ୍ତା ରାଏଜେ କାର୍ଯ୍ୟରତ ସାମ୍ବାଦିକ୍ ମାନ୍‌କର୍ କଲ୍ୟାଣ୍ ପାଣ୍ଠିର୍ ଲାଗି ବଜେଟ୍‌ଥି ୧୪ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ସେଆଡ଼େ ରାଏଜେ ପ୍ରଯୁକ୍ତି କ୍ଷେତ୍ରଥି ଷ୍ଟାର୍ଟଅପ୍ ମାନ୍‌କେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ବଜେଟ୍‌ଥି ୫୦ କୋଟିର୍ ବ୍ୟବସ୍ଥା କରିଛନ୍ । ବାୟୋଟେକ୍ନୋଲୋଜି ନୀତି ୨୦୨୪ ଜରିଏ ବାୟୋଟେକ୍ କ୍ଷେତ୍ରକେ ତହଁକାବାର୍‌କେ ୨ ଶହ ୩୧ କୋଟି ପ୍ରୋତ୍ସାହନ୍ ରାଶି ଘୋଷ୍‌ନା କରିଛନ୍ । ରାଏଜେ କୃତ୍ରିମ ବୁଦ୍ଧିମତା- ଏଆଇର ବିକାଶ୍ ଆର୍ ସେମିକଣ୍ଡକ୍ଟର୍ ଲାଗି ୨୦ କୋଟି ଟଙ୍କା ଲେଖା ବ୍ୟବସ୍ଥା କରିଛନ୍ । ଜଙ୍ଗଲ୍ ସୃଷ୍ଟି ଲାଗି କାମ୍ପା ଯୋଜ୍‌ନାକେ ୧ ହଜାର୍ ୨୧ କୋଟି ଟଙ୍କା ବ୍ୟୟବରାଦ୍ କରିଛନ୍ ।

ବଜେଟ୍‌ଥି ସୁଭଦ୍ରା ଯୋଜ୍‌ନା ଜରିଏ ୧୨ କୋଟି ଟଙ୍କା ଖର୍ଚ୍ଚାଥି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା ଲାଗୁ କର୍‌ବାର୍‌କେ ଶ୍ରୀ ମାଝୀ ଘୋଷ୍‌ନା କରିଛନ୍ । ସେନ୍ତା ମିଶନ୍ ଶକ୍ତିର୍ ବ୍ୟୟ ୨

ହଜାର୍ ୭ ଶହ ୭୫ କୋଟିକେ ବଢ଼ାଯାଇଛେ । ଶହେ କୋଟି ଟଙ୍କା ଖର୍ଚ୍ଚାଥି ଓଡ଼ିଶା ପୁଷ୍ଟିମିଶନ୍ ପ୍ରତିଷ୍ଠା କର୍ବାର୍କେ ମୁଖ୍ୟମନ୍ତ୍ରୀ ଗଲାକାଏଲ୍ ବିଧାନ୍ସଭା ନ ଘୋଷ୍ନା କରିଛନ୍ ।

ମୁଖ୍ୟମନ୍ତ୍ରୀ -ଦିଲ୍ଲୀ, ରାଜସ୍ଥାନ୍ ଗସ୍ତଥି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ଠାନୁ ୪ ଦିନିଆ ଦିଲ୍ଲୀ ଆର୍ ରାଜସ୍ଥାନ୍ ଗସ୍ତଥି ଯାଇଛନ୍ । ଇ ଅବ୍ସରେ ସେ ରାଜସ୍ଥାନ୍ର ଉଦୟପୁର୍ଠାନେ ହେବାର୍କେ ଥିବା ୨ ନମ୍ବର୍ ରାଜ୍ୟ ଜଲ୍ସମ୍ପଦ୍ ମନ୍ତ୍ରୀ ସମ୍ମିଲନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ତାର୍ ଉତ୍ରୁ ଦିଲ୍ଲୀ ନ କେନ୍ଦ୍ରମନ୍ତ୍ରୀମାନ୍କୁ ଭେଟିକରି ରାଜ୍ୟର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା କର୍ବେ ଆଉ ଫେବୃଆରୀ ୨୧ ତାରିଖ୍ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫିର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସିଏଚ୍ଏସ୍ଇ -ଯୁକ୍ତ ଦୁଇ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍ଏସ୍ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଆଏଜ୍ଠାନୁ ମୁଲ୍ ହେଉଛେ ।

ରାଜ୍ୟର୍ ୧ ହଜାର୍ ୨ ଶହ ୭୬ ଟା କେନ୍ଦ୍ର ନ କଳା, ବିଜ୍ଞାନ୍, ବାଣିଜ୍ୟ ଆର୍ ଧନ୍ଦାମୂଳକ ଶିକ୍ଷାଥି ରେଗୁଲାର୍ ଆର୍ ଏକ୍ସରେଗୁଲାର୍ ମିଶିକରି ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଆଏଜ୍ ପହେଲା ଦିନେ ବିଜ୍ଞାନ୍ ବିଭାଗ୍‌ଥି ମାତୃଭାଷା ଓଡ଼ିଆ ପରୀକ୍ଷା ହେବା । ଇଥର ୧ ଲାଖ୍ ୧୪ ହଜାର୍ ୯ ଶହ ୮୦ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସେନ୍ତା ୧୯ ତାରିଖ୍ କଳା ଆଉ ବାଣିଜ୍ୟ ବିଭାଗ୍‌ର ମାତୃଭାଷା ଓଡ଼ିଆ ପରୀକ୍ଷା ହେବା । ପରୀକ୍ଷା ଦିନର୍ ୧୦ ବଜେନୁ ଦୁଇପହରର୍ ୧ ବଜେତକ୍ ଚାଲ୍‌ବା । ୧୫ ମିନିଟ୍ ଆଘୋନୁ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରକେ ପୁହୁଁଚିବେ । ପ୍ରଶ୍ନପତ୍ର ଲିକ୍ ରୁକ୍‌ବାର୍ ଲାଗି ୫ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । କପି ରୁକ୍‌ବାର୍ ଲାଗି ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ଼ ଡିପୋ ମାନେ କରାଯାଇଛେ ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ ।

ଯୁକ୍ତ ଦୁଇ ପରୀକ୍ଷାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଛାତ୍ରଛାତ୍ରୀମାନ୍‌କୁ ଚାପମୁକ୍ତ ହେଇକରି ପରୀକ୍ଷା ଦେବାର୍‌କେ ତହଁକାର୍ ସହେତେ ଶୁଭେଚ୍ଛା ଜନେଇଛନ୍ ।

ମନ୍ କି ବାତ୍          ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୩ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଓମ୍‌ଫେଡ୍- ସମ୍ମାନିତ          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଦୁଗ୍ଧ ଉତ୍ପାଦନ୍‌କାରୀ ସଂସ୍ଥା- ଓମ୍‌ଫେଡ୍ କେ ଜାତୀୟସ୍ତରର୍ ସ୍କଚ୍ ଆୱାର୍ଡ-୨୦୨୪ ମିଲିଛେ । ନୂଆଦିଲ୍ଲୀ ନ ହେଇଥିବା ଗୁଟେ ଖାସ୍ ଉତ୍ସବ୍‌ଥି ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର୍ ଚନ୍ଦ୍ର ପ୍ରଧାନୀ ଆର୍ ସମ୍ବଲ୍‌ପୁର୍ ପ୍ଲାଂଟ୍ ପ୍ରବନ୍ଧକ୍ ଡକ୍ଟର୍ ସରୋଜ୍ ସାହୁ ଇ ପୁରସ୍କାର୍ ଗ୍ରହଣ୍ କରିଛନ୍ । ବିଞ୍ଝାରପୁର୍ ଗାଏ ବଂଶବୃଦ୍ଧି ଲାଗି ଇଞ୍ଚାର୍‌ଭେସନ୍ ଅଫ୍ ଜନ୍ ପ୍ଲାଜ୍‌ମା କରାଯାଉଛେ । ଯେନ୍‌ଥିର୍ ଲାଗି ଇ ପୁରସ୍କାର୍ ମିଲିଛେ ବଲି ଓମ୍‌ଫେଡ୍ ତରଫୁ କୁହାଯାଇଛେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ଗଲାକାଏଲ୍ କଲାହାଣ୍ଡି ଜିଲ୍ଲା ନୁ ୫ ଟା ବସ୍‌ଥି ଶହେ ୯୨ ଝନ୍ ବରିଷ୍ଠ ନାଗରିକ୍ କୋଲ୍‌କାତା ଆର୍ କାମାକ୍ଷାକେ ଯାତ୍ରା କରିଛନ୍ ।  ଇ ବସ୍ ଆଏବା ୨୩ ତାରିଖ୍ ଦିନ ଜିଲ୍ଲାକେ ଫିର୍‌ବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ ଯୋଗ୍ ଦେଇକରି ତୀର୍ଥଯାତ୍ରାର୍ ଶୁଭାରମ୍ଭ କରିଛନ୍ । ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀମାନ୍‌କୁ ନେଇକରି

ଯାଉଥିବା ବସ୍‌ଥି ଯାତ୍ରୀମାନ୍‌କର୍ ସୁବିଧା ଅସୁବିଧା ବୁଝ୍‌ବାର୍ ଲାଗି ୬ ଝନ୍ ଅଧିକାରୀଙ୍କୁ ସାଙ୍ଗେ ପଠାଯାଇଛେ ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଆଏଜ୍ ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲା ଭିତ୍‌ରେ ମେଚ ହେବା ।

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି ସେଆଡ଼େ ଗଲାକାଏଲ୍ ୩ ନମ୍ବର୍ ଦିନେ ଦେବ୍‌ଗଡ଼୍ ଆର୍ ଝାର୍‌ସୁଗୁଡ଼ା ଭିତ୍‌ରେ ହେଇଥିବା ମେଚ୍‌ଥି ଦେବ୍‌ଗଡ଼୍ ଜିଲ୍ଲା ଝାର୍‌ସୁଗୁଡ଼ାକେ ଟାଇବ୍ରେକର୍ ୩-୨ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍‌ଠାନୁ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷାର୍ ସମ୍ଭାବନା ରହିଛେ । ଗୁରୁବାର୍‌ନୁ ସମ୍ବଲ୍‌ପୁର୍,

ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।